# Akashvani, Sambalpur

## SAMBALPURI NEWS EVENING BULLETIN

**30 November 2025- 7.02 pm- 7.12 pm.**

********************************************

୧- ଭାରତ୍‌ର ନୂଆଁ ଚିନ୍ତାଧାରା, ନବସୃଜନ୍ ଆଉ ଯୁବଶକ୍ତିର୍ ସାମର୍ଥ୍ୟ ସଫଳତାର୍ ସହେତେ ଭିନ୍ ଭିନ୍ କ୍ଷେତ୍ରଥି ପ୍ରତିଫଳିତ୍ ହେଉଛେ- କହେଲେ ପ୍ରଧାନ୍‌ମନ୍ତ୍ରୀ ।

- ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର୍ ସାଙ୍ଗେ କଲେ ଭାବ୍ ବିନିମୟ ।

- ପାରମ୍ପାରିକ୍ ଚାଷ୍‌କେ ତହଁକାବାର୍ ଲାଗି ଦେଲେ ଆହ୍ୱାନ୍ ।

୨- ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ଆଏବା କାଏଲ୍‌ନୁ ହେବା ମୁଳ୍ - ଆଏଜ୍ ହେଲା ସର୍ବଦଳୀୟ ବୈଠକ୍ ।

ଆଉର୍

୩- ରାଜ୍ୟର୍ ସବୁ ଅଙ୍ଗନବାଡ଼ି କେନ୍ଦ୍ର ନ ତେଲ୍ ବୋର୍ଡ଼ ଲଗାବାର୍ ଲାଗି ରାଜ୍ୟ ସର୍‌କାର୍‌ଙ୍କର୍ ନିର୍ଦ୍ଦେଶ୍ ।

ମନ୍ କି ବାତ୍          ଆର୍ଏନ୍ୟୁ/ ସମ୍ବଲପୁର

ଭାରତ୍‌ର ନୂଆଁ ଚିନ୍ତାଧାରା, ନବସୃଜନ୍ ଆଉ ଯୁବଶକ୍ତିର ସାମର୍ଥ୍ୟ ସଫଲତାର୍ ସହେତେ ଭିନ୍ ଭିନ୍ କ୍ଷେତ୍ରଥି ପ୍ରତିଫଲିତ୍ ହେଉଛେ ବଲି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍‌ଥି ଦେଶ୍‌ବାସୀଙ୍କର୍ ସଙ୍ଗେ ଭାବ୍ ବିନିମୟ କରିକରି ପ୍ରଧାନ୍‌ମନ୍ତ୍ରୀ କହିଛନ୍, ହାଇଦ୍ରାବାଦ୍ ନ ପୁର୍‌ଥିର୍ ସବୁନୁ ବଡ଼ ଲିପ୍ ଇଞ୍ଜିନ୍ ଏମ୍‌ଆର୍‌ଓ ସୁବିଧାର୍ ଉଦ୍‌ଘାଟନ୍, ଭାରତୀୟ ନୌସେନାଥି ଆଇଏନ୍‌ଏସ୍ - ମାହେ ସାମିଲ୍ ହେବାର୍ ଆଉ ସ୍କାଏ ରୁଟ୍ ଇନ୍‌ଫିନିଟି କେମ୍ପସ୍‌ର ଉଦ୍‌ଘାଟନ୍ ଦେଶର୍ ବିକାଶ୍‌କେ ଦର୍ଶଉଛେ । ଚାଷ୍ କ୍ଷେତ୍ରଥି ଭିଲ୍ ଦେଶ୍ ୩ ଶହ ୯୭ ନିୟୁତ ଟନ୍ ରେକର୍ଡ଼ ପରିମାଣ୍‌ର ଖାଦ୍ୟ ଶସ୍ୟ ଉତ୍ପାଦନ୍ କରିକରି ମାଇଲ୍‌ଖୁଂଟା ଥାପ୍‌ନା କରିଛେ ବଲି ଶ୍ରୀ ମୋଦୀ କହିଛନ୍ । ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଜି-ଟ୍ୱେଂଟି ଶିଖର୍ ସମ୍ମିଲନୀଥି ଭୋକାଲ୍ ଫର୍ ଲୋକାଲ୍ ଅଭିଯାନ୍‌ର ଝଲକ୍ ଦେଖିବାର୍‌କେ ମିଲିଥିଲା । ଦେଶ୍‌ବାସୀଙ୍କର୍ ସ୍ୱଦେଶୀ ଦରବ୍ ଲାଗି ଆଗ୍ରହ ବଢୁଛେ ବଲି ଶ୍ରୀ ମୋଦୀ କହିଛନ୍ ।

(ଭଏସ୍ ଓଭର୍- ଲୋକାଲ୍ ଫର୍ ଭୋକାଲ୍)

ଖେଲ୍ କ୍ଷେତ୍ରଥି ଉଲ୍ଲେଖନୀୟ ସଫଲତା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ ୨୦୩୦ ରାଜ୍ୟ ଗୋଷ୍ଠୀ କ୍ରୀଡ଼ା ଆୟୋଜନ୍

କର୍‌ବାର୍ ଲାଗି ଭାରତ୍ ବଛା ହେବାର୍‌ଟା ସମ୍‌କର୍ ଲାଗି ଗୌରବ୍‌ର ବିଷେ ଆଏ ବଲି କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ କହିଛନ୍, ବନ୍ଦେ ମାତରମ୍‌ର ଶହେ ୫୦ ତମ ବାର୍ଷିକୀ ପାଲନ୍, ସର୍ଦ୍ଦାର୍ ବଲ୍ଲଭ୍ ଭାଇ ପଟେଲ୍ ଆଉ ଭଗବାନ୍ ବିର୍ସାମୁଣ୍ଡାଙ୍କର୍ ଶହେ ୫୦ ତମ ଜୟନ୍ତୀ, ଅଯୋଧ୍ୟା ନ ଶ୍ରୀ ରାମ୍ ଲାଲାଙ୍କର୍ ମନ୍ଦିର୍ ନ ଧ୍ୱଜା ରୋହଣ୍ ଆଉ କୁରୁକ୍ଷେତ୍ରର୍ ଜ୍ୟୋତିସର୍ ଠାନେ ପଂଚଜନ୍ୟ ସ୍ମାରକୀ ଉଦ୍‌ଘାଟନ୍ ବାଗିର୍ ଖାସ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ପ୍ରଧାନ୍‌ମନ୍ତ୍ରୀ ମନ୍ କି ବାତ୍‌ଥି ପାରମ୍ପାରିକ୍ ଚାଷ୍‌କେ ତହଁକାବାର୍ ଲାଗି ଚାଷୀମାନ୍‌କୁ ଆହ୍ୱାନ୍ ଦେଇଛନ୍ । ସେ କହିଛନ୍, ପ୍ରାକୃତିକ କୃଷି ଦେଶର୍ ବହୁତ୍ ପୁର୍‌ନା ପରମ୍ପରାର୍ ଗୁଟେ ଅଂଶ ଆଏ ।

(ଭଏସ୍ ଓଭର୍- ପ୍ରାକୃତିକ କୃଷି)

ଶୀତ୍‌କାଲୀନ୍ ପର୍ଯ୍ୟଟନ୍‌ର ସମ୍ଭାବନା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ପର୍ବତ୍, ସଂସ୍କୃତି, ଦୁଃସାହସିକ୍ ଖେଲ୍ ଲାଗି ଦେଶେ ବହୁତ୍ ସମ୍ଭାବନା ରହିଛେ । ଉତରାଖଣ୍ଡ୍ ନ ଶୀତ୍‌କାଲୀନ୍ ପର୍ଯ୍ୟଟନ୍ ବହୁତ୍ ଲୁକ୍‌କୁ ଆକର୍ଷିତ୍ କରୁଛେ ।

(ଭଏସ୍ ଓଭର୍- ପର୍ଯ୍ୟଟନ୍‌ର ସମ୍ଭାବନା)

ଇସ୍ରୋ ତର୍‌ଫୁ ହେଇଥିବା ଡ୍ରୋନ୍ ପ୍ରତିଯୋଗିତା ବାବ୍‌ଦେ ପ୍ରଧାନ୍‌ମନ୍ତ୍ରୀ କହିଛନ୍, ଯୁଆନ୍ ପିଢ଼ିଙ୍କର୍ ଲାଗି ସମର୍ପିତ୍ ଇ ପଦକ୍ଷେପ୍ ବିକଶିତ୍ ଭାରତ୍‌ର ସପନ୍‌କେ ସାକାର୍ କର୍‌ବାର୍‌ଥି ଖୋବ୍ ଉପଯୋଗୀ ହେବା । ମନ୍ କି ବାତ୍‌ଥି ଦେଶ୍ ମହୁ ଉତ୍ପାଦନ୍‌ଥି ନୂଆଁ ରେକର୍ଡ୍ କରିଛେ ବଲି ଶ୍ରୀ ମୋଦୀ କହିଛନ୍ । ଗଲା ୧୧ ବଛର୍ ଭିତ୍‌ରେ ଦେଶେ ମହୁ ଉତ୍ପାଦନ୍ ପାଖାପାଖ୍ ୨

ଗୁନା ବଢ଼ିଛେ । ସେଆଡ଼େ କିଛି ବଛର୍ ଭିତ୍‌ରେ ମହୁ ରପ୍ତାନୀ ୩ ଗୁନ୍ ନୁ ଅଏତ୍‌କା ବଢ଼୍‌ବାର୍ ସହେତେ ମଧୁ ମିଶନ୍ କାର୍ଯ୍ୟକ୍ରମ୍‌ଥି ମହୁଚାଷୀମାନ୍‌କର୍ ଆର୍ଥିକ୍ ଉନ୍ନତି ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ କହିଛନ୍ ।

ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଆଏବା ୨ ତାରିଖ୍‌ନୁ କାଶୀର୍ ନମୋ ଘାଟ୍ ନ ହେବାର୍‌କେ ଥିବା ୪ ନମ୍ବର୍ କାଶୀ ତାମିଲ୍ ସଙ୍ଗମ୍‌ଥି ଭାଗ୍ ନେବାର୍‌କେ ସମ୍‌କୁ ଆହ୍ୱାନ୍ ଦେଇଛନ୍ । ଲର୍ଣ୍ଣ ତାମିଲ୍ - ତାମିଲ୍ କରକୁଲମ୍ ବିଷୟବସ୍ତୁକେ ନେଇକରି ହେବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍ ତାମିଲ୍ ଭାଷାକେ ଭଲ୍‌ପାଉଥିବା ଲୁକ୍‌କର୍ ଲାଗି ଗୁଟେ ଗୁରୁତ୍ୱପୂର୍ଣ୍ଣ ମଚାନ୍ ହେଇଛେ ବଲି ପ୍ରଧାନ୍‌ମନ୍ତ୍ରୀ ମନ୍ କି ବାତ୍‌ଥି କହିଛନ୍ ।

ସଂସଦ୍- ଶୀତ୍‌କାଲୀନ୍ ଅଧିବେଶନ୍ ଏନ୍‌ଏସ୍‌ଡି

ସଂସଦ୍‌ର ଶୀତ୍‌କାଲୀନ୍ ଅଧିବେଶନ୍ ଆଏବାକାଏଲ୍‌ଠାନୁ ମୁଲ୍ ହେଉଛେ । ଇତାର୍ ଆଘୋନୁ ଆଏଜ୍ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂଙ୍କର୍ ଅଧ୍ୟକ୍ଷତାଥି ନୂଆଦିଲ୍ଲୀ ନ ସର୍ବଦଲୀୟ ବୈଠକ୍ ହେଇଯାଇଛେ । ବୈଠକ୍‌ଥି କେନ୍ଦ୍ରମନ୍ତ୍ରୀ ଜେ.ପି. ନଡ୍ଡା, ଆଇନ୍ ଆଉ ସାମାଜିକ୍ ନ୍ୟାୟ ମନ୍ତ୍ରୀ ଅର୍ଜୁନ୍ ରାମ୍

ମେଘ୍‌ୱାଲ୍, ସୂଚନା ଆଉ ପ୍ରସାରଣ୍ ରାଷ୍ଟ୍ରମନ୍ତ୍ରୀ ଡକ୍ଟର୍ ଏଲ୍. ମୁରୁଗନ୍‌ଙ୍କର୍ ସହେତେ ସଂସଦୀୟ ବ୍ୟାପାର୍ ମନ୍ତ୍ରୀ କିରେନ୍ ରିଜିଜୁ ଉପସ୍ଥିତ୍ ଥିଲେ । ଇ ବୈଠକ୍‌ଥି ୩୬ ଟା ରାଜନୈତିକ୍ ଦଲର୍ ୫୦ ଝନ୍ ପ୍ରତିନିଧି ସାମିଲ୍ ହେଇଥିଲେ । ସଂସଦୀୟ ବ୍ୟାପାର୍ ମନ୍ତ୍ରୀ  ଶ୍ରୀ ରିଜିଜୁ ବୈଠକ୍‌ଥି ସୂଚ୍‌ନା ଦେଇକରି କହିଛନ୍, ଇ ଅଧିବେଶନ୍‌ଥି ୧୪ ଟା ଭିନ୍ ଭିନ୍ ବିଲ୍ ଉପସ୍ଥାପନ୍ କରାଯିବା । ସର୍‌କାର୍ ବାକି ସବୁ ଜରୁରୀ ପ୍ରସଙ୍ଗ ଉପ୍‌ରେ ଗୃହ ନ ଆଲୋଚନା କର୍‌ବାର୍‌କେ ତୟାର୍ ଅଛନ୍ ବଲି ଶ୍ରୀ ରିଜିଜୁ କହିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ୧୯ ତାରିଖ୍‌ତକ୍ ଚାଲ୍‌ବାର୍‌କେ ଥିବା ଇ ଅଧିବେଶନ୍‌ଥି ମୋଟ୍ ୧୫ ଟା କାର୍ଯ୍ୟଦିବସ୍ ରହିଛେ ।

## ମୁଖ୍ୟମନ୍ତ୍ରୀ-ଅଭିଯୋଗ୍ ଶୁଣାଣି ବନ୍ଦ୍      ହି.ସ.

ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ଆଏବା କାଏଲ୍ ବନ୍ଦ୍ ରହେବା । ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ଦିଆଯାଇଥିବା ସୂଚ୍‌ନା ଅନ୍‌ସାରେ ସପ୍ତଦଶ ବିଧାନ୍‌ସଭାର୍ ୫ ନମ୍ବର୍ ଅଧିବେଶନ୍ ଚାଲୁଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀଙ୍କର୍

ଶୁଣାଣିକେ ବନ୍ଦ୍ ରଖାଯାଇଛେ । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ ।

ତେଲ୍ ବୋର୍ଡ଼୍      ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଥିବା ସବୁ ଅଙ୍ଗନବାଡ଼ି କେନ୍ଦ୍ର ଆଉ ଶିଶୁ ଯତ୍ନ କେନ୍ଦ୍ର ନ ଖାଏବାର୍ ତେଲ୍ ବୋର୍ଡ଼୍ ଲଗାଯିବା ବଲି ମହିଲା ଆଉ ଶିଶୁବିକାଶ୍ ବିଭାଗ୍ ତର୍‌ଫୁ କୁହାଯାଇଛେ । ଇ ବାବ୍‌ଦେ ସବୁ ଜିଲ୍ଲାପାଲ୍‌ମାନ୍‌କୁ ବିଭାଗ୍ ତର୍‌ଫୁ ଚିଠି କରାଯାଇଛେ । କେନ୍ ଖାଏବାର୍ ଦରବ୍‌ଥି କେତେ ମାତ୍ରାଥି ତେଲ୍ ରହିଛେ ତାକେ ଦେଖାବାର୍ ଲାଗି ବିଭାଗ୍ ତର୍‌ଫୁ କଡ଼ା ନିର୍ଦ୍ଦେଶ୍ ଦିଆଯାଇଛେ । ଓଡ଼ିଆ, ଇଂରାଜୀ ଦୁହି ଭାଷାଥି ବୋର୍ଡ଼୍ ଲଗାବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଥିବାର୍ ବେଲେ ଛନା ଖାଏବାର୍ ଦରବ୍‌ଥି କେତେ ତେଲ୍ ବେଭାର୍ କରାଯାଉଛେ ସେଟା ଜନାବାର୍‌କେ କୁହାଯାଇଛେ ।

ଜିଲ୍ଲାପାଲ୍ -ନିର୍ଦ୍ଦେଶ୍‌ନାମା      ହି.ସ.

ରାଜ୍ୟ ପଂଚାୟତିରାଜ୍ ବିଭାଗ୍ ତର୍ଫୁ ଜିଲ୍ଲାପାଲ୍‌ମାନ୍‌କୁ ଗୁଟେ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇଥି ଯୋଗ୍ୟ ଭୂମିହୀନ ପରିବାର୍ ଲୁକ୍‌କୁ ତୁର୍‌ତି ଘର୍ ବଂଟାଯିବାର୍ ଲାଗି ନିର୍ଦ୍ଦେଶ୍ ଦିଆଯାଇଛେ । ଗାଁ ଇଲାକା ନ ଥିବା ହିତାଧିକାରୀମାନ୍‌କୁ ପ୍ରାଥମିକତା ଭିତିଥି ଘର୍ ଯୁଗେଇ ଦେବାର୍ ଲାଗି ପଂଚାୟତିରାଜ୍ ବିଭାଗ୍ ତର୍ଫୁ ଜିଲ୍ଲାପାଲ୍‌ମାନ୍‌କୁ ଚିଠି କରାଯାଇଛେ । ଭୂମିହୀନ୍ ସମସ୍ୟାର୍ ସମାଧାନ୍ ଲାଗି ସବୁ ମାସର୍ ପହେଲା ଶନିବାର୍ ବିଡ଼ିଓ ଆଉ ସମ୍ପୃକ୍ତ ତହସିଲ୍‌ଦାର୍‌ଙ୍କର୍ ସହେତେ ଗୁଟେ ମିଲିତ୍ ବୈଠକ୍ କର୍‌ବାର୍‌କେ କୁହାଯାଇଛେ । ଧାରିଜ୍ ସମୟସୀମା ଭିତ୍‌ରେ ତୁର୍‌ତି ଘର୍ ଯୁଗେଇ ଦେବାର୍‌କେ ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ରାଜସ୍ୱମନ୍ତ୍ରୀ- ଉଦ୍‌ଘାଟନ୍ ଝାର୍‌ସୁଗୁଡ଼ା ସମ୍ବାଦଦାତା

ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆଏଜ୍ ବେଲ୍‌ପାହାଡ଼୍ ପୌର ପରିଷଦ୍ ଇଲାକା ନ ପାଖାପାଖି ୧୦ କୋଟି ଟଙ୍କା ଖର୍ଚ୍ଚାଥି ଭିନ୍ ଭିନ୍ ଉନ୍ନୟନ୍‌ମୂଲକ୍ ପ୍ରକଳ୍ପର୍ ଶିଲାନ୍ୟାସ୍ ଆଉ ଉଦ୍‌ଘାଟନ୍ କରିଛନ୍ । ମୁଖ୍ୟମନ୍ତ୍ରୀ ସହରୀ ବିକାଶ୍ ଯୋଜ୍‌ନା ଏମ୍‌ଏଲ୍‌ଏ

ଫଣ୍ଡ୍ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ପାଣ୍ଠିନୁ ଆସୁଥିବା ଟଙ୍କାଥି ବେଲ୍‌ପାହାଡ୍‌ର ଉନ୍ନତି ଲାଗି ଡ୍ରେନ୍, ରାସ୍ତାଘାଟ୍ ବାଗିର୍ ଭିନ୍ ଭିନ୍ ପ୍ରକଳ୍ପର୍ ଶିଳାନ୍ୟାସ୍ ଆଉ ଉଦ୍‌ଘାଟନ୍ କରାଯାଇଛେ । ଇ ଆର୍ଥିକ୍ ବଛ୍‌ରେ ଆହୁରି ୫ କୋଟି ଟଙ୍କା ବେଲ୍‌ପାହାଡ୍ ପୌର ପରିଷଦ୍‌କେ ଦିଆଯିବାର୍ ବାବ୍‌ଦେ ରାଜ୍ୟ ସର୍‌କାର୍‌ଙ୍କର୍ ସାଙ୍ଗେ କଥା ହେଇଥିବାର୍ ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ ।

ଖଣି ଖନନ ହି.ସ.

ରାଜ୍ୟ ସର୍‌କାର୍ ବେଆଇନ୍ ଖଣି ଖନନ ଆଉ ବାଣିଜ୍ୟ ପରିବହନ୍ ଆଉ ସଂରକ୍ଷଣ୍ ରୁକ୍‌ବାର୍‌କେ ଖାସ୍ ମାର୍ଗଦର୍ଶିକା ଜାରି କରିଛନ୍ । ଇସ୍ପାତ୍ ଆଉ ଖଣି ବିଭାଗ୍ ତର୍‌ଫୁ ଜାରି ହେଇଥିବା ଇ ମାର୍ଗଦର୍ଶିକାକେ ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଖଣି ଆଉ ପରିବହନ୍ କାମ୍‌ର ପ୍ରକୃତ୍ ସମିଆ ମନିଟରିଂ ଆଉ ରେକର୍ଡ଼ିଂ, ସ୍ୱୟଂଚାଲିତ୍ ନମ୍ବର୍‌ପ୍ଲେଟ୍ ଚିହ୍ନଟ୍, ଫେସ୍ ରିଡିଂ ଆଉ ଗାଡ଼ିର୍ ଗତି ଚିହ୍ନଟ୍ ଲାଗି ଏ.ଆଇ. କେମ୍‌ରା ଲଗାଯିବା । ଖୋବ୍ ଜଲ୍‌ଦି ଡିଜିଟାଲ୍ ଚେକ୍‌ପୋଷ୍ଟ ତିଆର୍ କରାଯିବା ଆଉ ଖଣିଜ ଦରବ୍ ପରିବହନ୍‌ର ତଦାରଖ୍ ଆଉ

ନିୟନ୍ତ୍ରଣ୍ ଲାଗି ଡିଜିଟାଲ୍ ଚେକ୍ ପଏଂଟ୍ କରାଯିବା ବଲି ବିଭାଗ୍ ତର୍ଫୁ ନିର୍ଦ୍ଦେଶ୍‌ନାମାଥି କୁହାଯାଇଛେ ।

ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ୍        ପୁରୀ ସମ୍ବାଦଦାତା

କୋଣାର୍କ ମୁକ୍ତାକାଶ ରଙ୍ଗମଂଚ୍ ନ ଆଏବା କାଏଲ୍‌ଠାନୁ ୫ ଦିନ୍ ଧରିକରି ଚାଲ୍‌ବାର୍‌କେ ଥିବା ୩୬ ନମ୍ବର୍ କୋଣାର୍କ ଉତ୍ସବ୍ ମୁଲ୍ ହେବାର୍‌କେ ଯାଉଛେ । ଇତାର୍ ସହେତେ ଚନ୍ଦ୍ରଭାଗା ବେଳାଭୂମି ନ ୧୫ ନମ୍ବର୍ ଅନ୍ତର୍ଜାତୀୟ ବାଲୁକା କଳା ଉତ୍ସବ୍ ଭିଲ୍ ମୁଲ୍ ହେବା । ଇ ବଛର୍ ଜାପାନ୍, ଋଷିଆ, ସ୍ପେନ୍, ପର୍ତୁଗାଲ୍, ଶ୍ରୀଲଙ୍କା ବାଗିର୍ ଦେଶ୍ ସହେତେ ଭାରତ୍‌ର ଭିନ୍ ଭିନ୍ ରାଜ୍ୟର୍ ୩୦ ନୁ ଅଏତ୍‌କା ଷ୍ଟଲ୍‌ଥି ଶିଳ୍ପୀମାନେ ସେମାନ୍‌କର୍ ବାଲୁକା କଳା ପ୍ରଦର୍ଶନ୍ କର୍‌ବେ । ଇତାର୍‌ସହେତେ ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତିମେଳା ଭିଲ୍ କରାଯିବା ।

ଶିକ୍ଷକ ଦର୍‌ମା ବନ୍ଦ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ ଜିଲ୍ଲା ହର୍‌ଭଙ୍ଗା ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କର୍ କାର୍ଯ୍ୟାଳୟ ତର୍ଫୁ ୧୦ ଝନ୍ ଶିକ୍ଷକଙ୍କର୍ ଦର୍‌ମା ବନ୍ଦ୍

କରାଯିବାର୍ ସହେତେ ସେମାନ୍‌କୁ କାରଣ୍ ଦର୍ଶାଅ ନୋଟିସ୍ ଜାରି କରାଯାଇଛେ । କାମ୍‌ଥି ଅବହେଲା ଅଭିଯୋଗ୍ ହେବାର୍‌ନୁ ଇ ପଦକ୍ଷେପ୍ ନିଆଯାଇଛେ । ଆଘୋନୁ ସୂଚ୍‌ନା ନାଇଁ ଦେଇକରି ବ୍ଲକ୍ ଶିକ୍ଷା ଅଧିକାରୀ ଅଚାନକ୍ ସ୍କୁଲ୍ ଗସ୍ତ କରିଥିଲେ, ଇ ସମିଆଥି ୧୦ ଝନ୍ ଶିକ୍ଷକ୍ କାମ୍‌ଥି ଅବ୍‌ହେଲା କରିଥିବାର୍‌ନୁ ଇ କାର୍ଯ୍ୟାନୁଷ୍ଠାନ୍ ନିଆଯାଇଛେ ।

ମଡ଼ିଆ ସଚେତନତା ରଥ      ଆର୍‌ଏନ୍‌ୟୁ/ ସମ୍ବଲପୁର

ବୌଦ୍ଧ କୃଷି ବିଭାଗ୍ ଆଉ ସ୍ୱେଚ୍ଛାସେବୀ ଅନୁଷ୍ଠାନ୍ ବିଶ୍ୱ ଯୁବ କେନ୍ଦ୍ରର୍ ମିଲିତ୍ ଚେରେଷ୍ଟାଥି ମଡ଼ିଆ ସଚେତନତା ରଥର୍ ଶୁଭାରମ୍ଭ କରାଯାଇଛେ । ଜିଲ୍ଲା କୃଷି ଅଧିକାରୀ କାର୍ଯ୍ୟାଳୟ ନ ହେଇଥିବା ଶ୍ରୀଅନ୍ନ ଅଭିଯାନ୍ ଉଦ୍‌ଘାଟନ୍ କାର୍ଯ୍ୟକ୍ରମ୍‌କେ ଜିଲ୍ଲା କୃଷି ଅଧିକାରୀ ପି.ଭି. ରମନ୍ ରାଓ ପରିଚାଲନା କରିଥିଲେ । ମଡ଼ିଆ ଚାଷ୍ ଆଉ ଇଥୁ ତିଆର୍ ଖାଏବାର୍ ଦରବ୍‌ର ଉପକାରିତା ବାବ୍‌ଦେ ଚାଷୀମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଇ ରଥ ଭିନ୍ ଭିନ୍ ଗାଁ ବୁଲ୍‌ବା ।

ଛାତ୍ରବୃତି ଆବେଦନ୍      ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ଅନୁସୂଚିତ ଜନଜାତି ଆଉ ଜାତି ଉନ୍ନୟନ୍ ସଂଖ୍ୟାଲଘୁ ସମ୍ପ୍ରଦାୟ ଆଉ ପଛୁଆବର୍ଗ କଲ୍ୟାଣ୍ ବିଭାଗ୍ ତର୍ଫୁ ୨୦୨୫-୨୬ ଶିକ୍ଷା ବଛର୍ ଲାଗି ଛାତ୍ରଛାତ୍ରୀମାନ୍‌କର୍ ମେଟ୍ରିକ୍ ଉତ୍‌ରର୍ ଛାତ୍ରବୃତି ଆବେଦନ୍‌ର ସମିଆକେ ବଢ଼ାଯାଇଛେ । ଛାତ୍ରଛାତ୍ରୀମାନେ ରାଜ୍ୟ ଛାତ୍ରବୃତି ପୋର୍ଟାଲ୍ scholarship.odisha.gov.in ଥି ନୂଆଁକରି ଆବେଦନ୍ କର୍‌ବାର୍‌କେ ବିଭାଗ୍ ତର୍ଫୁ କୁହାଯାଇଛେ ।

ଟି-ଟ୍ୱେଂଟି ଟିକେଟ୍ ବିକ୍ରି ଏକ୍ସ

କଟକ୍ ବାରବାଟୀ ଷ୍ଟାଡ଼ିୟମ୍ ନ ଆଏବା ଡିସେମ୍ବର୍ ୯ ତାରିଖ୍ ଦିନ ହେବାର୍‌କେ ଥିବା ଭାରତ୍- ଦକ୍ଷିଣ୍ ଆଫ୍ରିକା ଟି-ଟ୍ୱେଂଟି କ୍ରିକେଟ୍ ମେଚ୍ ଲାଗି ଆଏବା କାଏଲ୍ ଅନ୍‌ଲାଇନ୍‌ଥି ଟିକେଟ୍ ବିକ୍ରି ହେବା । ଅନ୍‌ଲାଇନ୍‌ଥି ଖାଲି ୨୦ ହଜାର୍ ଟିକେଟ୍ ବିକ୍ରି କରାଯିବା ବଲି ଓସିଏ ସମ୍ପାଦକ୍ ସଞ୍ଜୟ ବେହେରା ସୂଚ୍‌ନା ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଗଲାକାଏଲ୍ଠାନୁ ଶୀତ୍ ସାମାଏନ୍ କମିଛେ । ବହୁତ୍ଟେ ଜାଗା ନ ରାତିର୍ ତାପମାତ୍ରା ୨୫ ଡିଗ୍ରୀ ଉପ୍ରେ ରହିଥିଲା ।  ସେଆଡ଼େ ବାତ୍ୟା ଦିତ୍ୱାର୍ ପ୍ରଭାବ୍ଥି ଆଏବା ୨୪ ଘଂଟା ଭିତ୍ରେ ରାଜ୍ୟର୍ କୋରାପୁଟ୍, ମାଲ୍କାନ୍ଗିରି ବାଗିର୍ ଜିଲ୍ଲା ନ ହାଲ୍କା ବର୍ଷା ହେବାର୍ ସମ୍ଭାବନା ରହିଛେ । ବାକି ସବୁ ଜାଗା ମାନ୍କେ ପାଗ୍ ଶୁଖା ରହେବା ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ଅନୁମାନ୍ କରାଯାଇଛେ ।